# NATIONAL NEWS BULLETIN (ODIA)

## 6 September - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଗୁଜରାଟର ସୁରଟରେ ଆଜି ଜଳସଂଚୟ ଜନଭାଗିଦାରୀ ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଆନ୍ଧ୍ରପ୍ରଦେଶ ବନ୍ୟାରେ ୧ ଦଶମିକ୍ ୮ ଲକ୍ଷ ହେକ୍ଟର ଚାଷ ଜମି ଓ ୨ ଲକ୍ଷ ଚାଷୀ ପ୍ରଭାବିତ ସୂଚନା ।
- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ଘୋଷଣା କଲା ବିଜେପି ।
- କୋଲକାତା ଆର୍ ଜି କର୍ ଦୁଷ୍କର୍ମ ଘଟଣା ପରେ ଦୁଇ ଜଣ ବରିଷ୍ଠ ଡାକ୍ତର ନିଲମ୍ବିତ ।

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସ ୨୦୨୪ର ଆଜି ନବମ ଦିନରେ ଆଥ୍ଲେଟିକ୍ସ ଏବଂ ପାୱାର ଲିଫ୍ଟିଂରେ ପ୍ରଦର୍ଶନ କରିବେ ଭାରତୀୟ କ୍ରୀଡ଼ାବିତ୍ ।

# ପ୍ରଧାନମନ୍ତ୍ରୀ- ଜଳ ସଞ୍ଚୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ଜରିଆରେ ଗୁଜରାଟର ସୁରଟରେ ଜଳ ସଞ୍ଚୟ ଜନ ଭାଗିଦାରୀ ଅଭିଯାନର ଶୁଭାରମ୍ଭ କରିବେ । 'ଜଳ ଶକ୍ତି ଅଭିଯାନ : କ୍ୟାଚ୍ ଦ ରେନ୍' ଅଭିଯାନ ସହିତ ଏହା ସମ୍ପର୍କିତ, ଯାହା ଦୀର୍ଘକାଳୀନ ଜଳ ନିରାପତ୍ତା ସୁନିଶ୍ଚିତ କରିବ । ଗୁଜରାଟର ନାଗରିକ, ସ୍ଥାନୀୟ ସଂସ୍ଥା, ଶିଳ୍ପ ଓ ଅଂଶୀଦାରମାନଙ୍କୁ ବର୍ଷା ଜଳ ସଂରକ୍ଷଣ ଢାଞ୍ଚା କାର୍ଯ୍ୟକାରୀ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଗୁଜରାଟରେ ପ୍ରାୟ ୨୪ ହଜାର ୮୦୦ ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ଗୋଷ୍ଠୀ ଭାଗିଦାରୀରେ ନିର୍ମାଣ କରାଯାଉଛି । ଏହି ଢାଞ୍ଚା ବର୍ଷା ଜଳ ସଂରକ୍ଷଣ ବୃଦ୍ଧି ଏବଂ ଦୀର୍ଘକାଳୀନ ଜଳ ସ୍ଥାୟୀତ୍ୱକୁ ସୁନିଶ୍ଚିତ କରିବାରେ ସହାୟକ ହେବ । ଏହି ପଦକ୍ଷେପ ଅଧୀନରେ ନିର୍ମିତ ଢାଞ୍ଚାଗୁଡ଼ିକ ବର୍ଷା ଜଳ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ପ୍ରଧାନମନ୍ତ୍ରୀ ବାରମ୍ବାର ଜଳ ସଂରକ୍ଷଣକୁ ଏକ ଜାତୀୟ ମିଶନ ଭାବରେ ଆଲୋକପାତ କରିଛନ୍ତି, ଯାହା ସ୍ଥାୟୀ ଜଳ ପରିଚାଳନା ପାଇଁ ତାଙ୍କର ଦୀର୍ଘ ଦିନର ସମର୍ଥନକୁ ପ୍ରତିଫଳିତ କରୁଛି ।

# ଆନ୍ଧ୍ର-ବନ୍ୟା-ଚୌହାନ

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶରେ ବନ୍ୟା ଯୋଗୁଁ ୧ଦଶମିକ୍ ୮ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି ଏବଂ ପ୍ରାୟ ୨ ଲକ୍ଷ ଚାଷୀ ପ୍ରଭାବିତ ହୋଇଛନ୍ତି। ବିଶେଷକରି ଫୁଲ ଓ ହଳଦୀ ଚାଷ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛି। ଶ୍ରୀ ଚୌହାନ ଦୁଇ ଦିନିଆ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଗସ୍ତରେ ଯାଇ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। କ୍ଷୟକ୍ଷତି ଆକଳନ ସରିବା ପରେ କେନ୍ଦ୍ର ସରକାରଙ୍କ ତରଫରୁ ଦୁଇ ରାଜ୍ୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କୃଷିମନ୍ତ୍ରୀ କହିଛନ୍ତି। ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏନ୍‌ଡିଆର୍‌ଏଫ୍ ଟିମ୍ ଓ କୃଷି ବିଭାଗର ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି । କୃଷି ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଏବଂ କ୍ଷତିଗ୍ରସ୍ତ ଫସଲ ଏବଂ ଘରୋଇ ସାମଗ୍ରୀ ପାଇଁ କ୍ଷତିପୂରଣ ପ୍ରଦାନ କରିବାରେ ସହାୟତା କରିବେ।

ଆନ୍ଧ୍ରରେ ଶ୍ରୀ ଚୌହାନ ବୁଡାମେରୁ, ଜାକାମପୁଡି ଦୁଗ୍ଧ କାରଖାନା ଏବଂ କାନ୍ଧ୍ରିକା ସମେତ ବିଜୟଓ୍ୱାଡାର ବନ୍ୟା ପ୍ରଭାବିତ ଅଞ୍ଚଳର ଆକାଶମାର୍ଗରୁ ସର୍ବେକ୍ଷଣ କରିଥିଲେ ଏବଂ ପ୍ରକାଶମ ବ୍ୟାରେଜ ଡ୍ୟାମ୍ ଓ କ୍ରିଷ୍ଣା ନଦୀ ପାର୍ଶ୍ୱରେ କ୍ଷତିଗ୍ରସ୍ତ ଚାଷ ଜମିର ଅନୁଧ୍ୟାନ କରିଥିଲେ। ଜକାମ୍‌ପୁଡିରେ ଶ୍ରୀ ଚୌହାନ ବନ୍ୟା ପାଣି ମଧ୍ୟରେ  ସ୍ଥାନୀୟ ବାସିନ୍ଦା ଓ କୃଷକଙ୍କ ସହ ଆଲୋଚନା କରିଥିଲେ ।

ଆଜି ଶ୍ରୀ ଚୌହାନ ବନ୍ୟା ପ୍ରଭାବିତ ଖମ୍ମାମ ଜିଲ୍ଲା ଏବଂ ତେଲଙ୍ଗାନାର ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ସରକାର-ବୀମା

ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବନ୍ୟା ପ୍ରଭାବିତ ଲୋକଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବାକୁ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ କହିଛି, ବୀମା କମ୍ପାନୀଗୁଡ଼ିକୁ ସ୍ୱତନ୍ତ୍ର ଶିବିର ଆୟୋଜନ କରି ଏବଂ ଦାବି ପ୍ରକ୍ରିୟାକୁ ସହଜ କରି ଶୀଘ୍ର ଦାବି ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୀମାଧାରକମାନେ ଯେଉଁ ନୋଡାଲ ଅଫିସରଙ୍କ ସହ ଯୋଗାଯୋଗ କରିପାରିବେ ସେମାନଙ୍କ ନାମ ଏବଂ ଯୋଗାଯୋଗ ନମ୍ବରକୁ ବ୍ୟାପକ ଭାବେ ବିଜ୍ଞାପନ ଜରିଆରେ ଜଣାଇବାକୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ କହିଛି ଯେ କେନ୍ଦ୍ର ସରକାର ଏହି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ଏବଂ

ସେମାନଙ୍କୁ ଯଥାଶୀଘ୍ର ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

## ଜାମ୍ମୁକାଶ୍ମୀର-ବିଧାନସଭା ନିର୍ବାଚନ

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜେପି ୪୦ ଜଣ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିଛି। ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଛନ୍ତି। ଚଳିତ ମାସ ୨୫ ତାରିଖରେ ସେଠାରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ମନୋହର ଲାଲ ଖଟ୍ଟର, ଜି କିଶନ ରେଡ୍ଡୀ, ଜିତେନ୍ଦ୍ର ସିଂ ଏବଂ ଶିବରାଜ ସିଂ ଚୌହାନଙ୍କ ଭଳି ଅନେକ ବିଜେପି ନେତା ମଧ୍ୟ ଦଳର ତାରକା ପ୍ରଚାରକଙ୍କ ମଧ୍ୟରେ ଅଛନ୍ତି।

ସେପ୍ଟେମ୍ବର ୧୮, ୨୫ ଏବଂ ଅକ୍ଟୋବର ପହିଲାରେ ତିନୋଟି ପର୍ଯ୍ୟାୟରେ ୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଅକ୍ଟୋବର ୮ ତାରିଖରେ ଭୋଟ୍ ଗଣତି ହେବ।

# ଆୟୁଷ ପରୀକ୍ଷା

କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପରାଓ ଯାଦବ ଘୋଷଣା କରିଛନ୍ତି, ଆୟୁଷ ପାଇଁ ନ୍ୟାସନାଲ୍ ଏକ୍‌ଜିଟ୍ ଟେଷ୍ଟ ୨୦୨୧-୨୦୨୨ ବ୍ୟାଚ୍‌ରୁ କାର୍ଯ୍ୟକାରୀ ହେବ। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଯାଦବ କହିଛନ୍ତି, ଏହି ପ୍ରସଙ୍ଗରେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମୀକ୍ଷା ପାଇଁ ଗଠିତ କମିଟିର ସୁପାରିସ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୧-୨୨ ଶିକ୍ଷାବର୍ଷରେ ଭାରତୀୟ ଚିକିତ୍ସା ଆୟୋଗ ଏବଂ ଜାତୀୟ ହୋମିଓପାଥି ଆୟୋଗ ଆଇନ ଅଧୀନରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ନେକ୍ସଟ୍ ଲାଗୁ କରିବାକୁ କମିଟି ସୁପାରିସ କରିଛି। ଜୟପୁରସ୍ଥିତ ଜାତୀୟ ଆୟୁର୍ବେଦ ପ୍ରତିଷ୍ଠାନର କୁଳପତି ପ୍ରଫେସର ସଞ୍ଜୀବ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଛାତ୍ରଛାତ୍ରୀଙ୍କ ପରାମର୍ଶର ସମୀକ୍ଷା କରି ମନ୍ତ୍ରଣାଳୟକୁ ସୁପାରିସ କରିଥିଲେ। ଏକ ବର୍ଷର ଇଣ୍ଟର୍ନସିପ୍ ଶେଷ କରିବା ପରେ ରାଜ୍ୟ କିମ୍ବା ଜାତୀୟ ରେଜିଷ୍ଟରରେ ଲାଇସେନ୍ସ ଏବଂ ନାମଲେଖା ପାଇଁ ଏହି ପରୀକ୍ଷା ବାଧ୍ୟତାମୂଳକ ।

# ପଶ୍ଚିମବଙ୍ଗ-ଆର୍ ଜି କର୍

ପଶ୍ଚିମବଙ୍ଗ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡାକ୍ତର ବିରୁପାକ୍ଷ ବିଶ୍ୱାସ ଓ ଡାକ୍ତର ଅଭିକ୍ ଦେଙ୍କୁ ନିଲମ୍ବିତ କରାଯାଇଛି । କୋଲକାତାର ଆର୍ ଜି କର୍ ମେଡିକାଲ କଲେଜରେ ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା ପରେ ଏହି ପଦକ୍ଷେପ ନିଆଯାଇଛି । ଉଭୟ ଡାକ୍ତର ଦୀର୍ଘ ଦିନ ଧରି ପଶ୍ଚିମବଙ୍ଗର ବିଭିନ୍ନ ମେଡିକାଲ କଲେଜରେ କନିଷ୍ଠ ଡାକ୍ତର ଓ ଶିକ୍ଷକମାନଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି ।

ଡାକ୍ତର ବିରୁପାକ୍ଷ ବିଶ୍ୱାସ ପାଥୋଲୋଜି ବିଭାଗର ବୁର୍ଦ୍ଦୁଓ୍ୱାନ ମେଡିକାଲ କଲେଜର ବରିଷ୍ଠ ଆବାସିକ ଡାକ୍ତର ଏବଂ ଡାକ୍ତର ଅଭିକ ଦେ ସେହି ମେଡିକାଲ କଲେଜର ରେଡିଓ ଡାଇଗ୍ନୋସିସ ବିଭାଗର ଆବାସିକ ଚିକିତ୍ସା ଅଧିକାରୀ ଏବଂ କୋଲକାତାର ଏସ୍ଏସ୍କେଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପିଜିଟି ଅଛନ୍ତି । ରାଜ୍ୟରେ ଆର୍ ଜି କର୍ ଘଟଣା ପରେ ଜନଅସନ୍ତୋଷକୁ ଶାନ୍ତ କରିବା ପାଇଁ ସେମାନଙ୍କୁ ନିଲମ୍ବିତ କରାଯାଇଥିବା କୁହାଯାଉଛି ।

# ଛାତ୍ର ବୃତ୍ତି ଯୋଜନା

୨୦୨୪-୨୫ ପାଇଁ ରାଷ୍ଟ୍ରୀୟ ସାଧନ ଓ ଯୋଗ୍ୟତା ଛାତ୍ର ବୃତ୍ତି ଯୋଜନା ପାଇଁ ଆବେଦନ ସମୟସୀମାକୁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ଅଷ୍ଟମ ଶ୍ରେଣୀ ପରେ ଡ୍ରପଆଉଟ୍ ରୋକିବା ଏବଂ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଶିକ୍ଷା ସମାପ୍ତ କରିବାକୁ ଉତ୍ସାହିତ କରିବା ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଜୁନ୍ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ ଆବେଦନ କରିବା ପାଇଁ ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲ ଖୋଲା ରହିଛି। ଏହି ଯୋଜନାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ପରିଚାଳିତ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିବର୍ଷ ଏକ ଲକ୍ଷ ନୂତନ ବୃତ୍ତି ପ୍ରଦାନ କରାଯାଇଥାଏ । ମନ୍ତ୍ରଣାଳୟ କହିଛି, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନ ଆଧାରରେ ଦଶମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନବୀକରଣ ମାଧ୍ୟମରେ ବୃତ୍ତି ଜାରି ରଖାଯାଇଥାଏ । ଏହି ଯୋଜନା କେବଳ ରାଜ୍ୟ ସରକାର, ସରକାରୀ ଅନୁଦାନପ୍ରାପ୍ତ ଏବଂ ସ୍ଥାନୀୟ ସଂସ୍ଥା ସ୍କୁଲରେ ପଢୁଥିବା

ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ ଏବଂ ବାର୍ଷିକ ୧୨ ହଜାର ଟଙ୍କା ଛାତ୍ର ବୃତ୍ତି ଦିଆଯିବ ।

## ଜାତୀୟ ପ୍ରତିରକ୍ଷା କଲେଜ୍-ନେପାଳ

ରାଷ୍ଟ୍ରୀୟ ସୁରକ୍ଷା ଏକାଡେମିର ଏକ ପ୍ରତିନିଧି ଦଳ ଗତକାଲି ୫ ଦିନିଆ ନେପାଳ ଗସ୍ତ ଶେଷ କରିଛନ୍ତି। ଭାରତୀୟ ଦୂତାବାସ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଭାରତର ବେସାମରିକ ସେବା ଏବଂ ପ୍ରତିରକ୍ଷା ବାହିନୀର ୨୧ ଜଣ ବରିଷ୍ଠ ଅଧିକାରୀଙ୍କ ସମେତ ଅଷ୍ଟ୍ରେଲିଆ, ଭୁଟାନ, ଜାପାନ, କାଜାଖସ୍ତାନ, ଓମାନ ଏବଂ ଆମେରିକାର ପ୍ରତିନିଧିମାନଙ୍କୁ ନେଇ ଗଠିତ ଏହି ପ୍ରତିନିଧି ଦଳରେ ଭାରତୀୟ ନୌସେନାର ବରିଷ୍ଠ ନିର୍ଦ୍ଦେଶକ କର୍ମଚାରୀ ରିଅର୍ ଆଡମିରାଲ ସନ୍ଦୀପ ଏସ୍ ସାନ୍ଧୁ ନେତୃତ୍ୱ ନେଇଥିଲେ। ଏହି ଦଳ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି, ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଅର୍ଜୁ ରାଣା ଦେଉବା ଏବଂ ପ୍ରତିରକ୍ଷା ମନ୍ତ୍ରୀ ମନବୀର ରାୟଙ୍କୁ ସାକ୍ଷାତ କରିଥିଲେ । ଏହାବ୍ୟତୀତ ଏହି ପ୍ରତିନିଧି ଦଳ କାର୍ଯ୍ୟକାରୀ ସେନାମୁଖ୍ୟ

ଲେଫ୍ଟନାଣ୍ଟ ଜେନେରାଲ ଅଶୋକ ରାଜ ସିଗଡେଲଙ୍କୁ ଭେଟି ଦ୍ୱିପାକ୍ଷିକ ସାମରିକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।

## ମହାରାଷ୍ଟ୍ର-ଶିବାଜୀ

ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲ୍ଲାର ଏକ ସ୍ଥାନୀୟ ଅଦାଲତ କାରିଗର ଜୟଦୀପ ଆପ୍ତେ ଏବଂ ପରାମର୍ଶଦାତା ଚେତନ ପାଟିଲଙ୍କୁ ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇ ଦେଇଛନ୍ତି। ରାଜକୋଟ କିଲ୍ଲାରେ ଛତ୍ରପତି ଶିବାଜୀ ମହାରାଜଙ୍କ ୩୫ ଫୁଟର ପ୍ରତିମୂର୍ତ୍ତି ଭୁଶୁଡ଼ି ପଡ଼ିବାର ପ୍ରାୟ ୧୦ ଦିନ ପରେ ଗତକାଲି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପାଟିଲଙ୍କୁ ଅଗଷ୍ଟ ୩୦ରେ କୋହ୍ଲାପୁରରୁ ଗିରଫ କରାଯାଇଥିବା ବେଳେ ଆପ୍ତେଙ୍କୁ ବୁଧବାର ରାତିରେ ଥାନେ ଜିଲ୍ଲାର କଲ୍ୟାଣରୁ ଗିରଫ କରାଯାଇଥିଲା। ଶୁଣାଣି ସମୟରେ ଶ୍ରୀ ଆପ୍ତେ କହିଛନ୍ତି, ସେ ସହଯୋଗ କରିବା ସହ ପ୍ରତିମୂର୍ତ୍ତିର ଡିଜାଇନ୍ ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିବାକୁ ଇଚ୍ଛୁକ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ ଆଇନ ଆଗରେ ସମସ୍ତେ ସମାନ ଏବଂ ଏହି ଦୁର୍ଭାଗ୍ୟଜନକ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ।

# କପିଳ ପରମା-ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪ରେ କପିଳ ପରମାର ଗତକାଲି ପାରା ଜୁଡୋ ପୁରୁଷ **J1-60** କିଲୋଗ୍ରାମ ବର୍ଗରେ ବ୍ରାଜିଲର ଏଲିୟଲ୍ଟନ ଡି ଅଲିଭିଏରାଙ୍କୁ ୧୦-୦ ଗୋଲରେ ପରାସ୍ତ କରି କାଂସ୍ୟ ପଦକ ଜିତିଛନ୍ତି। ଜୁଡୋରେ ଏହା ଭାରତର ପ୍ରଥମ ପାରାଅଲିମ୍ପିକ୍ ପଦକ।

କପିଳ ପରମାରଙ୍କ ଐତିହାସିକ ପଦକ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି- କପିଳ ଅନେକ ବାଧାବିଘ୍ନକୁ ଅତିକ୍ରମ କରିଛନ୍ତି ଏବଂ ପାରାଅଲିମ୍ପିକ୍ସର ଜୁଡୋ ପ୍ରତିଯୋଗିତାରେ ପ୍ରଥମ ଭାରତୀୟ ଭାବେ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ବ୍ରୋଞ୍ଜ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଏହି ପ୍ରଶଂସା କପିଳଙ୍କ ଆନ୍ତରିକ ପ୍ରୟାସ ସହିତ ସମର୍ପଣ ଏବଂ ଦକ୍ଷତାର ଫଳକୁ ଦର୍ଶାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କପିଳ ପରମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଏକ ସ୍ମରଣୀୟ କ୍ରୀଡ଼ା ପ୍ରଦର୍ଶନ ଏବଂ ଏକ ସ୍ୱତନ୍ତ୍ର ପଦକ ।

ଆଜି ଖେଳର ନବମ ଦିନରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଆଥଲେଟିକ୍ସ ଏବଂ ପାଓ୍ୱାର ଲିଫ୍ଟିଂରେ ବିଜୟ ହାସଲ କରିବାକୁ ଚେଷ୍ଟା କରିବେ ।

ପାଓ୍ୱାରଲିଫ୍ଟିଂରେ କସ୍ତୁରୀ ରାଜମଣି ମହିଳା ୬୭ କିଲୋଗ୍ରାମ ପର୍ଯ୍ୟନ୍ତ ଫାଇନାଲରେ ଭାଗ ନେବେ। ଆଥଲେଟିକ୍ସରେ ଥିବା ପ୍ରବୀଣ କୁମାର ପୁରୁଷ ହାଇଜମ୍ପ ଟି-୪୪, ଟି-୬୨, ଟି-୬୪ ପର୍ଯ୍ୟାୟରେ ଫାଇନାଲରେ ପଦକ ହାସଲ ପାଇଁ ଚେଷ୍ଟା କରିବେ। ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍-୫୪ ଫାଇନାଲରେ ମଧ୍ୟ ଦୀପେଶ କୁମାର ପଦକ ହାସଲ କରିବାକୁ ଉଦ୍ୟମ କରିବେ। ବର୍ତ୍ତମାନ ସୁଦ୍ଧା କପିଲ ପରମାରଙ୍କ ଐତିହାସିକ କାଂସ୍ୟ ପଦକ ଯୋଗୁଁ ଭାରତ ଏକ ଚତୁର୍ଥାଂଶ ଶତକ ହାସଲ କରିଛି। ଭାରତ ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୧ କାଂସ୍ୟ ସହ ମୋଟ ୨୫ଟି ପଦକ ହାସଲ କରି ଷୋଡ଼ଶ ସ୍ଥାନରେ ରହିଛି।

## ୟୁକ୍ରେନ୍-ନୂଆ ବିଦେଶ ମନ୍ତ୍ରୀ

ୟୁକ୍ରେନ ସଂସଦରେ ଦିମିତ୍ରୋ କୁଲେବାଙ୍କ ସ୍ଥାନରେ ଆନ୍ଦ୍ରି ସିବିହାଙ୍କୁ ଦେଶର ନୂତନ ବୈଦେଶିକ ମନ୍ତ୍ରୀ ଭାବେ ନିଯୁକ୍ତି ନେଇ ସମର୍ଥନ ମିଳିଛି।

ସିବିହା ଉପସ୍ଥିତ ଥିବା ୩୧୪ ଜଣ ସାଂସଦଙ୍କ ମଧ୍ୟରୁ ୨୫୮ ଜଣଙ୍କ ସମର୍ଥନ ହାସଲ କରିଛନ୍ତି। ଗତକାଲି ଇସ୍ତଫା ଦେଇଥିବା କୁଲେବାଙ୍କୁ ବହିଷ୍କାର କରିବା ପାଇଁ ସଂସଦରେ ମତଦାନ ହୋଇଥିଲା। ୪୯ ବର୍ଷୀୟା ସିବିହା ପୂର୍ବରୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଉପମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ ଏବଂ ଗତ ଏପ୍ରିଲରେ କୁଲେବାଙ୍କ ଉପମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ୟୁକ୍ରେନର ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନସ୍କି ରୁଷ୍ ସହ ଯୁଦ୍ଧର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ହେଉଥିବା ଅଦଳବଦଳ ବିଷୟରେ କହିଛନ୍ତି, ଦେଶକୁ 'ନୂତନ ଶକ୍ତି'ର ଆବଶ୍ୟକତା ରହିଛି ।